# NATIONAL NEWS BULLETIN (ODIA)

## 24 November - 2024

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ମହାରାଷ୍ଟ୍ରରେ ବିଜେପି ମେଣ୍ଟ ଏବଂ ଝାଡ଼ଖଣ୍ଡରେ ଜେଏମ୍‌ଏମ୍ ମେଣ୍ଟ ଗଢ଼ିବ ସରକାର ।

– ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ସୁଶାସନ ଓ ବିକାଶର ବିଜୟ ହୋଇଛି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ

- ସଂସଦର ଶୀତକାଳୀନ ଅଧିବେଶନ ପୂର୍ବରୁ ଆଜି ବସିବ ସର୍ବଦଳୀୟ ବୈଠକ
- ମନ୍‌କି ବାତ୍ କାର୍ଯ୍ୟକ୍ରମରେ ଆଜି ପୂର୍ବାହ୍ଣ ୧୧ଟାରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
- ନୂଆଦିଲ୍ଲୀରେ ଓଡ଼ିଶା ପର୍ବ-୨୦୨୪ କାର୍ଯ୍ୟକ୍ରମରେ ଯୋଗଦେବେ ପ୍ରଧାନମନ୍ତ୍ରୀ

ଏବଂ

● ବର୍ଡର ଗାଭାସ୍କର ଟ୍ରଫିର ପ୍ରଥମ ଟେଷ୍ଟ ମ୍ୟାଚ୍‌ର ଆଜି ତୃତୀୟ ଦିନରେ ୧୭୨ ରନ୍‌ରୁ ଖେଳ ଆରମ୍ଭ କରିବ ଭାରତ ।

## କାଉଣ୍ଟିଂ ରାଉଣ୍ଡଅପ୍

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ମହାୟୁତି ମେଣ୍ଟକୁ ସଫଳତା ମିଳିଛି । ଝାଡ଼ଖଣ୍ଡରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ନେତୃତ୍ୱାଧୀନ ଇଣ୍ଡିଆ ବ୍ଲକ କ୍ଷମତାକୁ ଫେରିଛି । ମହାରାଷ୍ଟ୍ରରେ ମୋଟ୍ ୨୮୮ଟି ଆସନ ମଧ୍ୟରୁ ବିଜେପିକୁ ୧୩୨ଟି ଆସନ ମିଳିଥିବା ବେଳେ ଏକନାଥେ ସିନ୍ଦେ ନେତୃତ୍ୱାଧୀନ ଶିବସେନାକୁ ୫୭ ଏବଂ ଅଜିତ ପାୱାର ନେତୃତ୍ୱାଧୀନ ଏନ୍‌ସିପିକୁ ୪୧ଟି ଆସନ ମିଳିଛି । କଂଗ୍ରେସ ୧୬ଟି ଆସନରେ ବିଜୟୀ ହୋଇଥିବା ବେଳେ ଏନ୍‌ସିପି ଶରଦ ପାୱାର ଗୋଷ୍ଠୀକୁ ୧୦ଟି, ଶିବସେନା ୟୁବିଟିକୁ ୨୦ଟି ଏବଂ ଅନ୍ୟମାନେ ୧୨ଟି ଆସନରେ ବିଜୟୀ ହୋଇଛନ୍ତି ।

ଝାଡ଼ଖଣ୍ଡରେ ମୋଟ୍ ୮୧ଟି ଆସନ ମଧ୍ୟରୁ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାକୁ ୩୪ଟି ଆସନ ମିଳିଥିବା ବେଳେ କଂଗ୍ରେସକୁ ୧୬, ଆରଜେଡିକୁ ୪, ବିଜେପିକୁ ୨୧ ଏବଂ ଅନ୍ୟମାାନଙ୍କୁ ୬ଟି ଆସନ ମିଳିଛି ।

ଝାଡ଼ଖଣ୍ଡରେ ନୂଆ ସରକାର ଗଠନ ଲାଗି ଆଜି ନବନିର୍ବାଚିତ ବିଧାୟକମାନଙ୍କ ବୈଠକ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସରକାରୀ କାର୍ଯ୍ୟାଳୟରେ ଏହି ବୈଠକ ହେବ ବୋଲି

ଜଣାପଡ଼ିଛି । ଏଥିରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା, କଂଗ୍ରେସ, ରାଷ୍ଟ୍ରୀୟ ଜନତା ଦଳ ଏବଂ କମ୍ୟୁନିଷ୍ଟ୍ ପାର୍ଟି ଅଫ୍ ଇଣ୍ଡିଆ-ଏମ୍ଏଲ୍ ର ନବନିର୍ବାଚିତ ବିଧାୟକମାନେ ଯୋଗଦେବେ ।

## ମହା-ଇଲେକ୍ସନ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପିର ବିଜୟ' ସୁଶାସନ ଓ ବିକାଶର ବିଜୟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ ଦଳୀୟ କର୍ମୀଙ୍କୁ ସମ୍ବୋଧିତ କରି ଶ୍ରୀ ମୋଦି କହିଛନ୍ତି, ଏହି ନିର୍ବାଚନ ଫଳାଫଳ ନକାରାତ୍ମକ ରାଜନୀତିର ପରାଜୟ। ଅନେକ ରାଜ୍ୟରେ ହୋଇଥିବା ଉପନିର୍ବାଚନରେ ଲୋକମାନେ ବିଜେପି ଉପରେ ଆସ୍ଥା ପ୍ରକଟ କରିଛନ୍ତି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଏହା ସୂଚିତ କରୁଛି ଯେ ଲୋକମାନେ କେବଳ ବିକାଶ ହିଁ ଚାହୁଁଛନ୍ତି । ଦଳ ଉପରେ ଭରସା କରିଥିବାରୁ ସେ ମହିଳା, କୃଷକ ଓ ଯୁବବର୍ଗଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ମହାରାଷ୍ଟ୍ରରେ ବିଜେପି କ୍ରମାଗତ ତୃତୀୟ ଥର ପାଇଁ ସର୍ବବୃହତ ଦଳ ଭାବେ ଉଭା ହୋଇଛି, ଯାହା ନିଶ୍ଚିତ ଭାବେ ଏକ ଐତିହାସିକ ସଫଳତା ବୋଲି ଶ୍ରୀ ମୋଦୀ କହିଛନ୍ତି। ଏହି ବିଜୟ ବିଜେପିର ଶାସନ ମଡେଲ ଉପରେ ମୋହର ମାରିଛି ବୋଲି ସେ କହିଛନ୍ତି। ସୁଶାସନ କଥା ଆସିଲେ ଦେଶ କେବଳ ବିଜେପି ଓ ଏନଡିଏ ଉପରେ ଭରସା କରେ

ବୋଲି ଶ୍ରୀ ମୋଦି କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ମହାରାଷ୍ଟ୍ର ବିକଶିତ ଭାରତର ସଂକଳ୍ପକୁ ସୁଦୃଢ଼ କରିଛି ।

ଶ୍ରୀ ମୋଦୀ କହିଛନ୍ତି , ବିଜେପିକୁ ପ୍ରବଳ ସମର୍ଥନ ଏକ ସ୍ପଷ୍ଟ ବାର୍ତ୍ତା ଦେଇଛି ଯେ ଆଧୁନିକ ଭାରତ ପ୍ରଗତି ଏବଂ ବିଶ୍ୱସନୀୟ ଶାସନ ଚାହୁଁଛି। ଆଧୁନିକ ଭିତ୍ତିଭୂମିକୁ ଆପଣାଇ ସହରଗୁଡ଼ିକ ବିକାଶକୁ ବାଛିଛନ୍ତି ଓ ବିକାଶରେ ବାଧା ସୃଷ୍ଟି କରୁଥିବା ରାଜନୀତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି। ବିଶ୍ୱସ୍ତରୀୟ ଭିତ୍ତିଭୂମି ଯୋଗାଇବା ପାଇଁ ବିଜେପି ପ୍ରତିଶ୍ରୁତିବଦ୍ଧ, ଯାହା କି ବିଶ୍ୱସ୍ତରୀୟ ମାନଦଣ୍ଡକୁ ପୂରଣ କରିବା ପାଇଁ ଭାରତର ଅଗ୍ରଗତିକୁ ପ୍ରୋତ୍ସାହିତ କରିବ ବୋଲି ସେ କହିଛନ୍ତି।

ପ୍ରଧାନମନ୍ତ୍ରୀ କଂଗ୍ରେସକୁ ଟାର୍ଗେଟ କରି କହିଛନ୍ତି ଯେ କଂଗ୍ରେସ ଦଳର ଏକମାତ୍ର ଫୋକସ ପରିବାର ଉପରେ ରହିଛି ଏବଂ ନାଗରିକଙ୍କ ଅପେକ୍ଷା ପରିବାରକୁ ପ୍ରାଥମିକତା ଦେଉଥିବା ଦଳ ଗଣତନ୍ତ୍ର ପାଇଁ ବଡ଼ ବିପଦ । ତୁଷ୍ଟୀକରଣ ରାଜନୀତି ପାଇଁ କଂଗ୍ରେସ ଆଇନ ତିଆରି କରିଛି ଏବଂ ୱାକଫ୍ ବୋର୍ଡ ଏହାର ଉଦାହରଣ ବୋଲି ଶ୍ରୀ ମୋଦି ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ସମ୍ବିଧାନରେ ୱାକଫ୍ ଆଇନ ପାଇଁ କୌଣସି ସ୍ଥାନ ନାହିଁ କିନ୍ତୁ କଂଗ୍ରେସ ନିଜର ଭୋଟ୍ ବ୍ୟାଙ୍କ ବଢ଼ାଇବା ପାଇଁ ଏହାକୁ ସୃଷ୍ଟି କରିଛି। ଶ୍ରୀ ମୋଦି ଅଭିଯୋଗ କରିଛନ୍ତି ଯେ ୨୦୧୪ରେ କଂଗ୍ରେସ

ଶାସନ ଶେଷ ହେବା ପୂର୍ବରୁ ଦଳ ଦିଲ୍ଲୀ ନିକଟରେ ଥିବା ଅନେକ ସମ୍ପତ୍ତିକୁ ଓ୍ୱାକଫ ବୋର୍ଡକୁ ହସ୍ତାନ୍ତର କରିଥିଲା ।

ନିଜ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ସମଗ୍ର ଦେଶରେ କେବଳ ଗୋଟିଏ ସମ୍ବିଧାନ ଲାଗୁ ହେବ ଏବଂ ସମ୍ବିଧାନ ହେଉଛି ବାବା ସାହେବ ଆମ୍ବେଦକରଙ୍କ ସମ୍ବିଧାନ ଯାହା କି ଭାରତର ସମ୍ବିଧାନ । ସେ କଂଗ୍ରେସ ଏବଂ ସେମାନଙ୍କ ସହଯୋଗୀମାନଙ୍କୁ ମଧ୍ୟ କହିଛନ୍ତି ଯେ ବର୍ତ୍ତମାନ ବିଶ୍ୱର କୌଣସି ଶକ୍ତି' ଧାରା ୩୭୦ ଫେରାଇ ଆଣିପାରିବ ନାହିଁ ।

## ଅଲ୍ ପାର୍ଟି ମିଟିଂ

ସଂସଦର ଶୀତକାଳୀନ ଅଧିବେଶନ ପୂର୍ବରୁ ଆଜି ସରକାର ସର୍ବଦଳୀୟ ବୈଠକ କରିବେ । ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଅଧ୍ୟକ୍ଷତା କରିବେ । ଅଧିବେଶନ ସମୟରେ ଲୋକସଭା ଓ ରାଜ୍ୟସଭାକୁ ସୁରୁଖୁରୁରେ ଚଳାଇବା ପାଇଁ ଏହି ବୈଠକରେ ସରକାର ସମସ୍ତ ରାଜନୈତିକ ଦଳର ସମର୍ଥନ ଲୋଡିବେ ।

ସଂସଦର ଶୀତଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହୋଇ ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । ତେବେ ଆସନ୍ତା ୨୬ ତାରିଖରେ ସମ୍ବିଧାନ ଦିବସ ପାଳନ ଅବସରରେ ସଂସଦର ଅଧିବେଶନ ବସିବ ନାହିଁ ।

## ଗୁରୁ ତେଗ୍ ବାହାଦୂର

ଶିଖମାନଙ୍କର ନବମ ଗୁରୁ' ଗୁରୁ ତେଗ ବାହାଦୁରଙ୍କ ସହିଦ ଦିବସ ଆଜି ପାଳିତ ହେଉଛି । ୧୬୭୫ ମସିହାରେ ଗୁରୁ ତେଗ ବାହାଦୁର ଧର୍ମ, ମାନବିକ ମୂଲ୍ୟବୋଧ, ଆଦର୍ଶ ଓ ନୀତିର ସୁରକ୍ଷା ପାଇଁ ବଳିଦାନ ଦେଇଥିଲେ। ଗୁରୁ ତେଗ ବାହାଦୁରଙ୍କ ବଳିଦାନକୁ ପ୍ରତିବର୍ଷ ସହିଦ ଦିବସ ଭାବେ ସ୍ମରଣ କରାଯାଏ ।

## ଶହୀଦ ଦିବସ

ଗୁରୁ ତେଗ ବାହାଦୁରଙ୍କ ସହିଦ ଦିବସ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି , ଗୁରୁ ତେଗ ବାହାଦୁର ମାନବିକତା ଏବଂ ଧର୍ମର ସୁରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ସେ କହିଛନ୍ତି, ଗୁରୁ ତେଗ୍ ବାହାଦୁର ଜଣେ ମହାନ ଆଧ୍ୟାତ୍ମିକ ମାର୍ଗଦର୍ଶକ ଏବଂ ଜଣେ ପ୍ରକୃତ ଦେଶପ୍ରେମୀ ଥିଲେ, ଯିଏ ପ୍ରେମ ଏବଂ ଏକତାକୁ ପ୍ରୋତ୍ସାହିତ କରିଥିଲେ ଓ ସତ୍ୟ ଏବଂ ନ୍ୟାୟ ପାଇଁ ଲଢ଼ିବାକୁ ଲୋକଙ୍କୁ ଉତ୍ସାହିତ କରିଥିଲେ । ଗୁରୁ ତେଗ ବାହାଦୁରଙ୍କ ଶିକ୍ଷାକୁ ଗ୍ରହଣ କରିବା ସହ ତାଙ୍କ ମହାନ ଆଦର୍ଶକୁ ନିଜ ଜୀବନରେ ଅନୁସରଣ କରିବାକୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆହ୍ୱାନ ଦେଇଛନ୍ତି।

## ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ପୂର୍ବାହ୍ନ ୧୧ଟାରେ ଆକାଶବାଣୀରେ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଦେଶ ବିଦେଶରେ ରହୁଥିବା ଭାରତୀୟଙ୍କ ସହ ଭାବ ବିନିମୟ କରିବେ । ଏହା ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କି ବାତ୍‌ର ୧୧୬ତମ ସଂସ୍କରଣ । ଆକାଶବାଣୀ ଓ ଦୂରଦର୍ଶନ, ଏଆଇଆର ନ୍ୟୁଜ୍ ୱେବସାଇଟ୍ ଏବଂ ନ୍ୟୁଜ ଅନ୍ ଏୟାର ମୋବାଇଲ୍ ଆପ୍‌ର ସମ୍ପୂର୍ଣ୍ଣ ନେଟୱାର୍କରେ ଏହି କାର୍ଯ୍ୟକ୍ରମ ପ୍ରସାରିତ ହେବ। ଏହାଛଡ଼ା ଏଆଇଆର ନ୍ୟୁଜ୍, ଡିଡି ନ୍ୟୁଜ୍, ପିଏମ୍‌ଓ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ୟୁଟ୍ୟୁବ୍ ଚ୍ୟାନେଲରେ ସିଧା ପ୍ରସାରଣ କରାଯିବ। ହିନ୍ଦୀ ପ୍ରସାରଣ ପରେ ପରେ ଆଞ୍ଚଳିକ ଭାଷାରେ ଏହି କାର୍ଯ୍ୟକ୍ରମର ପ୍ରସାରଣ କରାଯିବ ।

## ପିଏମ୍-ଓଡ଼ିଶା ପରବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀରେ 'ଓଡ଼ିଶା ପର୍ବ ୨୦୨୪' କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ଅବସରରେ ସେ ସମାବେଶକୁ ସମ୍ବୋଧିତ କରିବେ। ନୂଆଦିଲ୍ଲୀର ଓଡିଆ ସମାଜ ଦ୍ୱାରା ପରିଚାଳିତ ଏକ ପ୍ରମୁଖ କାର୍ଯ୍ୟକ୍ରମ ହେଉଛି ଓଡ଼ିଶା ପର୍ବ । ଏହା ମାଧ୍ୟମରେ ସେମାନେ ଓଡ଼ିଆ ଐତିହ୍ୟର ସଂରକ୍ଷଣ ଓ ପ୍ରଚାର ପ୍ରସାର ଦିଗରେ ମୂଲ୍ୟବାନ ସହାୟତା ପ୍ରଦାନ କରୁଛନ୍ତି। ପରମ୍ପରାକୁ ବଜାୟ ରଖି ଚଳିତ ବର୍ଷ ନଭେମ୍ବର ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ପର୍ବ ଆୟୋଜନ କରାଯାଉଛି। ଏଥିରେ ଓଡ଼ିଶାର ସମୃଦ୍ଧ ଐତିହ୍ୟକୁ ପ୍ରଦର୍ଶିତ କରାଯିବା

ସହ ରାଜ୍ୟର ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ମୂଲ୍ୟବୋଧକୁ ପ୍ରଦର୍ଶନ କରାଯାଉଛି ।

## ଜୟଶଙ୍କର-ଇଟାଲୀ ଭିଜିଟ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଆଜିଠାରୁ ତିନି ଦିନିଆ ଇଟାଲୀ ଗସ୍ତରେ ଯିବେ। ଜି-୭ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକର ଆଉଟ୍ ରିଚ୍ ଅଧିବେଶନରେ ଯୋଗଦେବା ପାଇଁ ସେ ଇଟାଲୀର ଫିଉଗି ଗସ୍ତ କରିବେ । ସେଠାରେ ଭାରତକୁ ଅତିଥି ରାଷ୍ଟ୍ର ଭାବେ ନିମନ୍ତ୍ରଣ କରାଯାଇଛି। ଏହି ଗସ୍ତ ସମୟରେ ସେ ଇଟାଲୀ ଏବଂ ଅନ୍ୟ ସଦସ୍ୟ  ରାଷ୍ଟ୍ରଗୁଡ଼ିକର ପ୍ରତିପକ୍ଷଙ୍କୁ ସାକ୍ଷାତ କରି ଜି-୭ ସମ୍ବନ୍ଧୀୟ ଆଲୋଚନା ସହ ଦ୍ୱିପାକ୍ଷିକ ବୈଠକ କରିବାର କାର୍ଯ୍ୟସୂଚୀ ରହିଛି ।  ଗସ୍ତ ସମୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ରୋମରେ ହେବାକୁ ଥିବା ମେଡ୍ ମେଡିଟେରିଆନ୍ ଡାଏଲଗର ଦଶମ ସଂସ୍କରଣରେ ମଧ୍ୟ ଯୋଗ ଦେବେ। ଇଟାଲୀର ବୈଦେଶିକ ବ୍ୟାପାର ଏବଂ ଅନ୍ତର୍ଜାତୀୟ ସହଯୋଗ ମନ୍ତ୍ରଣାଳୟ ସହଯୋଗରେ ଇନଷ୍ଟିଚ୍ୟୁଟ୍ ଫର ଇଣ୍ଟରନ୍ୟାସନାଲ ପଲିଟିକାଲ ଷ୍ଟଡିଜ୍ ପକ୍ଷରୁ ଏହା ଆୟୋଜନ କରାଯାଉଛି। ଡକ୍ଟର ଜୟଶଙ୍କର ରୋମରେ ଥିବା ଭାରତୀୟ ଦୂତାବାସର ନୂତନ କୋଠାକୁ ଉଦଘାଟନ କରିବେ ।

## ଭୁଟାନ ପିଏମ୍-ଇଣ୍ଡିଆ ଭିଜିଟ୍

ଭୁଟାନ ପ୍ରଧାନମନ୍ତ୍ରୀ ସେରିଙ୍ଗ ତୋବ୍‌ଗେ' ତିନି ଦିନିଆ ଭାରତ ଗସ୍ତରେ ଆଜି ନୂଆଦିଲ୍ଲୀରେ ପହଞ୍ଚିବେ । ଆସନ୍ତାକାଲି ସେ ଦିଲ୍ଲୀରେ ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ଏବଂ ମଙ୍ଗଳବାର ଅପରାହ୍ନରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ। ଚଳିତବର୍ଷ ଜାନୁଆରି ମାସରେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ତୋବ୍‌ଗେ  ମାର୍ଚ୍ଚ ମାସରେ ଭାରତ ଗସ୍ତରେ ଆସିଥିଲେ ।

## ସୁଦାନ କନଫ୍ଲିକ୍ଟ

ସୁଦାନ ସରକାର ଘୋଷଣା କରିଛନ୍ତି ଯେ ସୁଦାନୀ ସଶସ୍ତ୍ର ବାହିନୀ' ଅର୍ଦ୍ଧସାମରିକ ରାପିଡ୍ ସପୋର୍ଟ ଫୋର୍ସ ଦ୍ୱାରା ନିୟନ୍ତ୍ରିତ କେନ୍ଦ୍ରୀୟ ସୁଦାନର ସିନ୍ନାର ରାଜ୍ୟର ରାଜଧାନୀ ସିଙ୍ଗାକୁ ପୁନଃ ଦଖଲ କରିଛି। **RSF**' ମାସ ମାସ ଧରି ସିଙ୍ଗାକୁ ନିୟନ୍ତ୍ରଣ କରି ରଖିଥିଲା । ଅକ୍ଟୋବର ମାସରୁ ଅର୍ଦ୍ଧସାମରିକ ବାହିନୀକୁ ରାଜ୍ୟରୁ ବାହାର କରିବା ପାଇଁ **SAF** ଏହି ଅଞ୍ଚଳରେ **RSF** ସହ ଲଢ଼େଇ କରୁଛି। ଅଲ୍-ଦିନ୍ଦର, ଅଲ୍-ସୁକି ଏବଂ ରଣନୈତିକ ଜେବେଲ ମୋୟା ଅଞ୍ଚଳ ସମେତ ରାଜ୍ୟର ପ୍ରମୁଖ ସହରଗୁଡ଼ିକୁ ଜେଜିରା, ହ୍ୱାଇଟ୍ ନାଇଲ୍ ଏବଂ ସିନାର ରାଜ୍ୟକୁ ସଂଯୋଗ କରୁଥିବା ଅଞ୍ଚଳକୁ **SAF** ପୁନରୁଦ୍ଧାର କରିବାରେ ସଫଳ ହୋଇଛି। ୨୦୨୩ ଏପ୍ରିଲ ମଧ୍ୟଭାଗରୁ ସୁଦାନରେ **SAF**  ଏବଂ **RSF** ମଧ୍ୟରେ ଭୟଙ୍କର ସଂଘର୍ଷ ଚାଲିଛି ।

# ପାକ୍- ଭାଓଲେନ୍ସ

ପାକିସ୍ତାନର ଅଶାନ୍ତ ଖୈବର ପଖ୍ତୁନଖୱା ପ୍ରଦେଶରେ ଗତ ୨୪ ଘଣ୍ଟା ମଧ୍ୟରେ ଆଦିବାସୀ ସାମ୍ପ୍ରଦାୟିକ ହିଂସାରେ ୩୭ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି। ଉତ୍ତର-ପଶ୍ଚିମ ପାକିସ୍ତାନର ଆଫଗାନିସ୍ତାନ ସୀମାନ୍ତ କୁର୍ରାମ ଜିଲ୍ଲାରେ ଅଲିଜାଇ ଏବଂ ବାଗାନ ଜନଜାତି ମଧ୍ୟରେ ସଂଘର୍ଷ ଫଳରେ ନିକଟରେ ଏକ ଯାତ୍ରୀବାହୀ ଭ୍ୟାନ୍ ଉପରେ ଆକ୍ରମଣ ଯୋଗୁଁ ୪୭ ଜଣ ଲୋକ ପ୍ରାଣ ହରାଇଥିଲେ। ଆଲୋଚନା ମାଧ୍ୟମରେ ସମସ୍ତ ସମସ୍ୟାର ସମାଧାନ କରିବା ସହ ଏହି ଅଞ୍ଚଳରେ ଦୀର୍ଘକାଳୀନ ସ୍ଥିରତା ସୁନିଶ୍ଚିତ କରିବାକୁ ସେଠାକାର ମୁଖ୍ୟମନ୍ତ୍ରୀ ଅଲ୍ଲୀ ଅମିନ ଗଣ୍ଡାପୁର ନିର୍ଦ୍ଦେଶ ଦେଇଛନ୍ତି। ଆଦିବାସୀମାନେ ଉନ୍ନତ ଏବଂ ସ୍ୱୟଂଚାଳିତ ଅସ୍ତ୍ରଶସ୍ତ୍ରରେ ପରସ୍ପର ଉପରେ ଆକ୍ରମଣ କରୁଛନ୍ତି ବୋଲି ପୋଲିସ କହିଛି।

ଅନ୍ୟପକ୍ଷରେ ଖାଇବର ପଖ୍ତୁନଖୱା ଆଇନ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ପୁଲିସ ମହାନିରୀକ୍ଷକଙ୍କୁ ନେଇ ଗଠିତ ଏକ ଉଚ୍ଚସ୍ତରୀୟ ସରକାରୀ ପ୍ରତିନିଧି ଦଳ କୁରମ ଆଦିବାସୀ ଜିଲ୍ଲା ଅଭିମୁଖେ ଯାଉଥିବା ଏକ ହେଲିକପ୍ଟର ଉପରକୁ ଗୁଳି ମାଡ଼ ହୋଇଥିବା ଖବରକୁ କେପି ପ୍ରାଦେଶିକ ସରକାର ଖଣ୍ଡନ କରିଛନ୍ତି।

# ବର୍ଡର ଗାଭାସ୍କର ଟ୍ରଫି

ପର୍ଥରେ ଚାଲିଥିବା ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ଟେଷ୍ଟ ମ୍ୟାଚର ଆଜି ତୃତୀୟ ଦିନରେ ଭାରତ ୧୭୨ ରନ୍‌ରୁ ଦ୍ୱିତୀୟ ଇନିଂସ ଆରମ୍ଭ କରିବ । ମ୍ୟାଚ୍ ଭାରତୀୟ ସମୟ ସକାଳ ୭ଟା ୫୦ରେ ଆରମ୍ଭ ହେବ।

ଅଷ୍ଟ୍ରେଲିଆ ଦଳ ୨୧୮ ରନ୍ କରି ଆଗରେ ରହିଛି । ଗତକାଲି ଖେଳ ଶେଷ ସୁଦ୍ଧା ଯଶସ୍ୱୀ ଜୟସ୍ୱାଲ ୯୦ ରନ୍ ଏବଂ କେଏଲ୍ ରାହୁଲ ୬୨ ରନ୍ କରି ଅପରାଜିତ ରହିଥିଲେ।

ଜୟସ୍ୱାଲ ଗୋଟିଏ ଇନିଂସରେ ଦୁଇଟି ଛକା ମାରି ଟେଷ୍ଟ କ୍ରିକେଟରେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ଛକା ମାରିଥିବା ବ୍ୟାଟ୍ସମ୍ୟାନ ଭାବେ ପରିଗଣିତ ହୋଇଛନ୍ତି। ଚଳିତବର୍ଷ ସେ ୧୨ଟି ଟେଷ୍ଟରେ ୩୪ଟି ଛକା ମାରିଛନ୍ତି, ଯାହା ନ୍ୟୁଜିଲାଣ୍ଡର ପୂର୍ବତନ ଅଧିନାୟକ ବ୍ରେଣ୍ଡନ ମ୍ୟାକ୍‌କୁଲମଙ୍କ ଗୋଟିଏ ବର୍ଷରେ ୩୩ଟି ଛକା ରେକର୍ଡକୁ ପଛରେ ପକାଇ ଦେଇଛି।

ଗତକାଲି ୭ ୱିକେଟ୍ ହରାଇ ସତଷଠୀ ରନ୍ କରି ପ୍ରଥମ ଇନିଂସ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ମଧ୍ୟାହ୍ନ ଭୋଜନ ପୂର୍ବରୁ ୧୦୪ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଭାରତୀୟ ଅଧିନାୟକ ଯଶପ୍ରୀତ ବୁମ୍ରା ୫ ୱିକେଟ୍

ନେଇଥିବା ବେଳେ ହର୍ଷିତ ରାଣା ୩ଟି ଓ ମହମ୍ମଦ ସିରାଜ  ୨ଟି ଓ୍ୱିକେଟ୍ ନେଇଥିଲେ।

## ଆଇପିଏଲ୍୨୦୨୫-ଅକ୍ସନ

ଆସନ୍ତା ବର୍ଷ ହେବାକୁ ଥିବା ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୫ ପାଇଁ  ଆଜି ଓ ଆସନ୍ତାକାଲି ସାଉଦି ଆରବର ଜେଦାହଠାରେ ନିଲାମ ଅନୁଷ୍ଠିତ ହେବ। ଦୁବାଇ ଆଇପିଏଲ୍ ୨୦୨୪ ପାଇଁ ପୂର୍ବ ନିଲାମ ଆୟୋଜନ କରିଥିବାରୁ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ବିଦେଶରେ ନିଲାମ ଅନୁଷ୍ଠିତ ହେଉଛି।

ଚଳିତଥର ନିଲାମ ପାଇଁ ୧ ହଜାର ୧୬୫ ଜଣ ଭାରତୀୟ ଏବଂ ୪୦୯ ଜଣ ବିଦେଶୀଙ୍କୁ ମିଶାଇ ମୋଟ ୧ହଜାର ୫୭୪ ଜଣ କ୍ରିକେଟରଙ୍କୁ ସାମିଲ କରାଯାଇଛି। ପ୍ରତ୍ୟେକ ଫ୍ରାଞ୍ଚାଇଜ ସର୍ବାଧିକ ୨୫ ଜଣ ଖେଳାଳିଙ୍କୁ ନେଇ ଏକ ଦଳ ଗଠନ କରିପାରିବେ ଏବଂ ନିଲାମରୁ ମୋଟ ୨୦୪ଟି ସ୍ଲଟ୍‌ରୁ ଖେଳାଳି ଚୟନ କରିବେ । ଉପଲବ୍ଧ ୨୦୪ଟି ସ୍ଲଟ୍ ନିମନ୍ତେ ୧୦ଟି ଫ୍ରାଞ୍ଚାଇଜ୍ ପ୍ରାୟ ୬୪୧.୫ କୋଟି ଟଙ୍କା ଖର୍ଚ୍ଚ କରିବେ ।